ଆୟୁକ୍ତ, ସାଲେମ ପୌରପାଳିକା

ବନାମ

ଟି. କୁରାଲମଣି ଏବଂ ଅନ୍ୟଜଣେ

ଅକ୍ଟୋବର 30,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଥା ଓ ପ୍ରକ୍ରିୟା:*

*ପ୍ରଶାସନିକ ନ୍ୟାୟାଧିକରଣ --ସଂକ୍ଷିପ୍ତ ଫଏସଲା-- ନିର୍ଣ୍ଣୟ ହୋଇଛି, ବିଚାର ଯୋଗ୍ୟ ପ୍ରତିପକ୍ଷଙ୍କ ବିବାଦିତ ଯୁକ୍ତିକୁ ବିଚାର ନକରି ମାମଲାର ସଂକ୍ଷିପ୍ତ ଫଏସଲା କରିବାରେ ନ୍ୟାୟାଧିକରଣ ନ୍ୟାୟସଙ୍ଗତ ନଥିଲେ।*

**ଆବେଦନକାରୀ, ସଂକ୍ଷିପ୍ତ ଭାବରେ ମାମଲାର ଫଏସଲା କରିବାର ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଆଦେଶ ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଦାଖଲ କରିଥିଲେ ।**

**ଆବେଦନକୁ ଅନୁମତି ଦେଇ ଏବଂ ମାମଲାକୁ ଫଏସଲା କରିବା ପାଇଁ ନ୍ୟାୟାଧିକରଣଙ୍କ ପାଖକୁ ପଠାଇ, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ:**

**ଏହି ଆକ୍ଷେପିତ ଆଦେଶ ଦ୍ୱାରା, ପ୍ରତିପକ୍ଷଙ୍କ ଯୁକ୍ତିକୁ ବିଚାର ନକରି ମାମଲାର ସଂକ୍ଷିପ୍ତ ଫଏସଲା କରିବାରେ ନ୍ୟାୟାଧିକରଣ ନ୍ୟାୟସଙ୍ଗତ ନଥିଲେ ଯାହା ଏହି ମାମଲାର ତଥ୍ୟର ପୃଷ୍ଠଭୂମିକୁ ଯାଇ ଯାଞ୍ଚ କରାଯିବା ଉଚିତ ।**

**1.2. ନ୍ୟାୟାଧିକରଣ ସରକାରୀ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ବିବାଦକୁ ବିଚାର କରିବାକୁ ଏବଂ ନିୟମ ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ କରିବାକୁ ସ୍ୱାଧୀନ ଅଟନ୍ତି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 9879/1995

10.1.95/24.2.95 ତାରିଖରେ, ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସଙ୍କ ଓ.ଏ. ସଂଖ୍ୟା 3427/1990 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. ମୋହନ ଏବଂ ଭି. ଜି. ପ୍ରଗସମ ଆବେଦନକାରୀ ପାଇଁ ।

ଟି. ରାଜା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ  କରାଗଲା ।

ଉଭୟ ପକ୍ଷର ବିଦ୍ୱାନ ଓକିଲଙ୍କୁ ଶୁଣିବା ପରେ, ଆମେ ଭାବୁଛୁ ଯେ ନ୍ୟାୟାଧିକରଣ, ଆକ୍ଷେପିତ ଆଦେଶ ଦ୍ୱାରା, ବିବାଦିତ ଯୁକ୍ତିକୁ ବିଚାର ନକରି ମାମଲାର ସଂକ୍ଷିପ୍ତ ଫଏସଲା କରିବାରେ ନ୍ୟାୟସଙ୍ଗତ ନଥିଲେ ଯାହା ଏହି ମାମଲାର ତଥ୍ୟର ପୃଷ୍ଠଭୂମିକୁ ଯିବା ଉଚିତ ଥିଲା । ଏହି ପରିସ୍ଥିତିରେ, 10.1.1995 ତାରିଖର ଓ.ଏ. ସଂଖ୍ୟା 3427/90 ରେ ପ୍ରଦାନ

କରାଯାଇଥିବା ନ୍ୟାୟାଧିକରଣଙ୍କ ଆଦେଶକୁ ଅଗ୍ରାହ୍ୟ କରାଗଲା । ଆଇନ ଅନୁଯାୟୀ ନୂତନ ଫଏସଲା ପାଇଁ ଏହି ମାମଲାକୁ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସଙ୍କ ପାଖକୁ ପଠଗଲା । ଏହା ସ୍ୱଷ୍ଟ କରାଯାଇଛି ଯେ ଆମେ ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରୁନାହୁଁ ଏବଂ ନ୍ୟାୟାଧିକରଣ ସରକାରୀ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ବିବାଦକୁ ବିଚାର କରିବାକୁ ଏବଂ ନିୟମ ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ କରିବାକୁ ସ୍ୱାଧୀନ ଅଟନ୍ତି ।

ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।